COURT OF THE TAHASILDAR
RENGALI

# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ଲିଜ ବିବିଧ (Misc.) ମୋକଦ୍ଦମା ସଂଖ୍ୟା ୧୧/୨୦୨୪

## ସର୍ବସାଧାରଣ ଇସ୍ତାହାର

ପ୍ରୋସେସ ସଂଖ୍ୟା. ୧୦୮୭ତାରିଖ: ୨୮.୧୨.୨୦୨୪.

ଏତଦ୍ ଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା –ଖୃଣ୍ଡା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଇଡକୋ କର୍ତ୍ତୃପକ୍ଷ ଭୁବନେଶ୍ୱର ,(ଓଡିଶା)ଶିଳ୍ପ ପ୍ରତିଷ୍ଠା ଏବଂ ସଂବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମିର କିସମ "ଜଳଭଣ୍ଡାର " ରୁ "ପତିତ" କୁ ପରିବର୍ତନ କରିବା ନିମନ୍ତେ Rule 34 (e) of O.S. & S Rules, 1962 ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଅଛି ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ଭିତରେ ନିମ୍ନ(ପନ୍ଦର)ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ୨୦ ./- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ପ୍ରସ୍ତାବିତ ରକବା | କିସମ | ପ୍ରସ୍ତାବିତ କିସମ |
|---|---|---|---|---|---|---|
| ଖୃଣ୍ଡା | ୨୪୭<br>(ଆବାଦ ଯୋଗ୍ୟ ଅନାବାଦୀ) | ୧୬୭୬/୩୬୪୯ | ୩.୫୮ | ୩.୫୮ | ଜଳଭଣ୍ଡାର | ପତିତ |
| **ମୋଟ** | **୧ ଖାତା** | **୧ ପ୍ଲଟ** | ୩.୫୮ | ୩.୫୮ | | |

ତହସିଲଦାର ରେଙ୍ଗାଲି
TAHASILDAR
Rengali (Sambalpur)

**ଜ୍ଞାପକ ସଂଖ୍ୟା**......୧୦୮୮...... ତା: ......୨୪.୧୨.୨୦୨୪......

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ **ଲପଙ୍ଗା** ଙ୍କ କାର୍ଯ୍ୟାଳୟ / ଗ୍ରାମ ପଞ୍ଚାୟତ **ଖୃଣ୍ଡା** ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ **ଜିଲ୍ଲା ଇ-ଗଭର୍ଣ୍ଣନ୍ସ ମେନେଜର ସମ୍ବଲପୁରଙ୍କ** ,ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର ରେଙ୍ଗାଲି
TAHASILDAR
Rengali (Sambalpur)